ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘ

ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘ

ନରକ୍ଷରତା ଦୂରୀକରଣ
ଅଟଇ ଏହା ଆମର ପଣ

# ସ୍ମରଣିକା

**ନଭେମ୍ବର 27, 2016**

**ସ୍ଥାନ : ଇନ୍ଦିରା ବିଜ୍ଞାନ ଭବନ,ଶ୍ରୀକାକୁଲମ**

"ଏହି ଶିକ୍ଷା ସଂଘ ଜାତିପ୍ରାଣ ବିନ୍ଦୁ
ଲକ୍ଷ ଜନ ମନ ହରେ
ଡେଇଁ ପଡ ଭାଇ ତାହାରି ସକାଶେ
ଲକ୍ଷ୍ୟ ରକ୍ଷା କରିବାରେ ।"

A.P. ORIYA TEACHERS ASSOCIATION
APOTA
MANDASA - 532 242

Scanned with OKEN Scanner

# ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆଙ୍କ ଅବସ୍ଥାନ

୧୯୩୬ ମସିହା ଏପ୍ରିଲ୍ ପହିଲାରେ ଓଡିଶା ପ୍ରଦେଶ ସ୍ୱତନ୍ତ୍ର ରାଜ୍ୟ ରୂପେ ଗଠିତ ହୋଇଥିଲା । ଉତ୍କଳ ସମ୍ମିଳନୀ ତଥା ବହୁ ଜାତିପ୍ରାଣ ଓଡ଼ିଆଙ୍କ ସଂଗ୍ରାମର ଫଳସ୍ୱରୂପ ୧୯୩୫ ମସିହାରେ ଭାରତ ଶାସନ ଆଇନ୍‌ରେ ପ୍ରଣୀତ ହୋଇ ଓଡିଶା ପ୍ରଦେଶ ଗଠନକୁ ସରକାର ସ୍ୱୀକୃତି ମିଳିଥିଲା । ସ୍ୱାଧୀନତା ପରବର୍ତ୍ତୀ ୧୯୫୬ ମସିହାରେ ଭାଷାଭିତ୍ତିକ ପ୍ରାଦେଶିକ ପୁନଃଗଠନ ପ୍ରକ୍ରିୟା ସମାହିତ ହୋଇଥିଲା । କିନ୍ତୁ ଓଡିଶା ପୂର୍ଣ୍ଣାଙ୍ଗ ହୋଇପାରିନଥିଲା । ବିଭିନ୍ନ ରାଜନୈତିକ କାରଣରୁ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡିଶା ସହ ମିଶ୍ରିତ ହୋଇନପାରି ବିହାର , ପଶ୍ଚିମ ବଙ୍ଗ , ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରଦେଶର ଅନ୍ତର୍ଭୁକ୍ତ ହେଲା । ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ସୁବର୍ଣ୍ଣ ଜୟନ୍ତୀ ଅତିବାହିତ କରିଥିଲେ ମଧ୍ୟ ଏହି ଅଞ୍ଚଳ ଗୁଡିକ ଆମ ପାଇଁ " ବିଚ୍ଛିନ୍ନାଞ୍ଚଳ " ହୋଇ ରହିଗଲା ।

ହଜାର ହଜାର ବର୍ଷର କିମ୍ବଦନ୍ତୀ , ଇତିହାସ , ରାଜନୀତି ଏବଂ ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଓଡିଶାର ସୀମା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଓଡ଼ିଆ ସଂସ୍କୃତିର ଏହି ମହନୀୟ ଦିଗ ଓଡିଶାର ବିଚ୍ଛିନ୍ନାଞ୍ଚଳ ମାନଙ୍କରେ ଆଜି ମଧ୍ୟ ଉଜ୍ଜୀବିତ ହୋଇ ରହିଛି । ବିହାର , ମଧ୍ୟପ୍ରଦେଶ , ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ରାଜ୍ୟର ଅନେକ ଜିଲ୍ଲା ଓ ଗ୍ରାମର ବହୁ ଅଧିକାରୀ ଓଡ଼ିଆ ବା ଓଡ଼ିଆ ବଂଶୋଦ୍ଭବ । ସେମାନଙ୍କ ଭାଷା ଓ ସାହିତ୍ୟ , ରୀତି-ନୀତି , ଚାଲି-ଚଳଣୀ , ଆଚାର-ବ୍ୟବହାର , ଖାଦ୍ୟ-ପେୟ , ଗୃହସଜ୍ଜା , ସାମାଜିକ ପର୍ବପର୍ବାଣୀ , ବିବାହ ଆଦିରେ ଓଡ଼ିଆ ସଂସ୍କୃତିର ଚିହ୍ନ ଦେଖିବାକୁ ମିଳିଥାଏ ।

ବିଚ୍ଛିନ୍ନାଞ୍ଚଳ ଗୁଡିକ ମଧ୍ୟରେ ବିହାର ( ଆଧୁନିକ ଝାଡଖଣ୍ଡ)ର ଷଢେଇ କଳା ,ଖରସୁଆଁ , ପୂର୍ବ-ପଶ୍ଚିମ ସିଂହଭୂମି , ସିମେଗ୍ଦା । ମଧ୍ୟପ୍ରଦେଶ(ଆଧୁନିକ ଛତିଶଗଡ)ର ବସ୍ତର , ମହସମୁଣ୍ଡା , ଝାସପୁର । ପଶ୍ଚିମବଙ୍ଗର ପୂର୍ବ-ପଶ୍ଚିମ ମେଦିନୀପୁର , ତଥା ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ , ବିଶଖାପାଟଣା , ବିଜୟ ନଗର ଜିଲ୍ଲାଗୁଡିକ ଅବସ୍ଥିତ । ଉକ୍ତ ଜିଲ୍ଲାଗୁଡିକ ସହ ଓଡିଶାର ଗଞ୍ଜାମ , ଗଜପତି , ରାୟଗଡା , କୋରାପୁଟ, ନବରଙ୍ଗପୁର , ମାଲ୍‌କାନ୍‌ଗିରି , ବାଲେଶ୍ୱର, କେନ୍ଦୁଝର , ମୟୂରଭଞ୍ଜ ,ଝାରସୁଗୁଡା , ସମ୍ବଲପୁର ଜିଲ୍ଲା ଗୁଡିକ ସୀମା ନିର୍ଦ୍ଧାରଣ କରୁଅଛି ।

ବର୍ତ୍ତମାନ କେତେକ ନିର୍ଦ୍ଦିଷ୍ଟ ବିଚ୍ଛିନ୍ନାଞ୍ଚଳ ଓ ଓଡ଼ିଆଙ୍କ ଅବସ୍ଥାନ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ମାଧ୍ୟମରେ ଦର୍ଶାଯାଇଛି । ପ୍ରଥମତଃ ସିଂହଭୂମି । ଏହା ସମ୍ପ୍ରତି ଝାଡଖଣ୍ଡ ରାଜ୍ୟର ଏକ ଜିଲ୍ଲା ରୂପେ ପରିଚିତ । ଏଠାରେ ଓଡ଼ିଆ ଓ ଓଡ଼ିଆ ବଂଶୋଦ୍ଭବ ବହୁଲୋକ ବାସ କରନ୍ତି । ପ୍ରଥମତଃ ଜୈନ ଶ୍ରାବକ ବା ସରାକ ଜାତିର ଲୋକେ ବସତି ସ୍ଥାପନ କରିଥିଲେ । ପରବର୍ତ୍ତୀ କାଳରେ ଭୂୟାଁ , ହୋ ,ସାନ୍ତାଳ ନାମକ ଆଦିବାସୀ ଗୋଷ୍ଠୀ ଏଠାରେ ରାଜ୍ୟ ସ୍ଥାପନ କଲେ । ଏଠାକାର ବନ୍ୟ ଖଣିଜ ସମ୍ପଦ ପ୍ରତି ଆକୃଷ୍ଟ ହୋଇ ରାଜପୁତନା (ରାଜସ୍ଥାନ)ରୁ ସିଂହ ବଂଶ ରାଜାମାନେ ଆସି " ଭୂୟାଁ" ଓ " ହୋ " ମାନଙ୍କୁ ଯୁଦ୍ଧରେ ପରାସ୍ତକରି ଏଠାରେ ରାଜ୍ୟସ୍ଥାପନ କଲେ । କାଳକ୍ରମେ ସିଂହ ରାଜାମାନଙ୍କ ନାମାନୁସାରେ ଏହା ସିଂହଭୂମି ରୂପେ ପରିଣତ ହେଲା । ସିଂହଭୂମି ନିକଟବର୍ତ୍ତୀ ଘୋଡାହାଟ , କେରା , ଆନନ୍ଦପୁର , ଷୋଡଶକଳା ( ଷଢେଇକଳା) ଓ ଖରସୁଆଁ ପ୍ରଭୃତି ଦେଶୀୟ ରାଜ୍ୟ ସିଂହରାଜମାନଙ୍କ ଅଧୀନସ୍ଥ ହେଲା । ସିଂହଭୂମି ଦେଶୀୟ ରାଜ୍ୟରେ ସଂଖ୍ୟାଧିକ ଓଡ଼ିଆ ବାସ କରୁଥିବାରୁ ସିଂହରାଜାଗଣ ଓଡ଼ିଆ ଭାଷାକୁ ସ୍ୱୀୟ ମାତୃଭାଷା ରୂପେ ଗ୍ରହଣ କରିଥିଲେ । ପରମ୍ପରାନୁକ୍ରମେ ପୁରୀ ଗଜପତି ମହାରାଜା ଓ ସିଂହଭୂମିର ସିଂହ ରାଜାଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ସ୍ଥାପିତ ହୋଇଥିଲା । ପୁରୀ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ଓଡ଼ିଆ , ବ୍ରାହ୍ମଣ , କରଣ ଏବଂ ଖଣ୍ଡାୟତ ଓଡ଼ିଆ ପରିବାରଙ୍କୁ ଆଣି ସିଂହରାଜା ସିଂହଭୂମିରେ ବସତି ସ୍ଥାପନ କଲେ । ଫଳତଃ ଭାବଗତ ଓ ଭାଷାଗତ ସମ୍ପର୍କ କାଳକ୍ରମେ ପାରିବାରିକ , ପ୍ରଶାସନିକ ଓ ରାଜନୈତିକ ସମ୍ପର୍କରେ ପ୍ରତିଫଳିତ ହୋଇ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅବ୍ୟାହତ ହୋଇଛି ।

ସିଂହଭୂମି ପରେ ପଶ୍ଚିମବଙ୍ଗର ମେଦିନୀପୁର , ମଧ୍ୟପ୍ରଦେଶ( ପୂର୍ବବର୍ତ୍ତୀ ବିହାର)ର ଛୋଟନାଗପୁର ଓ ବସ୍ତର ଅଞ୍ଚଳ କଥା ବିଚାର କରାଯାଉ । ଏହି ସମସ୍ତ ଅଞ୍ଚଳମାନଙ୍କରେ ଓଡ଼ିଆ ସଂସ୍କୃତି ଓ ପ୍ରାଚୀନ ପରମ୍ପରା ବଳବତ୍ତର ଥିଲା ।କିନ୍ତୁ କାଳର କରାଳ ସ୍ରୋତରେ ଏହି ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅବସାନ ହୋଇ ବିଲୁପ୍ତ ହେବାକୁ ଯାଉଅଛି ।

ପରିଶେଷରେ ମଞ୍ଜୁଷା କଥା ବିଚାର କରିବା । ଏହା ଓଡିଶା ସ୍ଥିତ ଗଞ୍ଜାମ ଜିଲ୍ଲାର ( ଆଧୁନିକ ଶ୍ରୀକାକୁଲମ) ଏକ ଜମିଦାରୀ ତଥା କ୍ଷୁଦ୍ର ଦେଶୀୟ ରାଜ୍ୟ । ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ ଅନ୍ତର୍ଭୁକ୍ତ । ଏଠାରେ ବସବାସ କରୁଥିବା ଅଧିବାସୀମାନଙ୍କ ଏକ ସ୍ୱତନ୍ତ୍ର ସମସ୍ୟା ମଧ୍ୟ ଏ କ୍ଷେତ୍ରରେ ଲକ୍ଷଣୀୟ । ଅତୀତରେ ଏ ଅଞ୍ଚଳ ଥିଲା ଓଡ଼ିଆ ଭାଷା ଓ ସଂସ୍କୃତି ଦ୍ୱାରା ପ୍ରଭାବିତ ଓଡ଼ିଆ ଅଞ୍ଚଳ । ଏଠାକାର ଅଧିକାଂଶ ଅଧିବାସୀ ଓଡ଼ିଆ । ଭାରତର ନୂତନ ରାଜନୈତିକ ମାନଚିତ୍ର ଅଧ୍ୟୟନ କଲେ ଜଣାଯାଏ ଯେ, ବର୍ତ୍ତମାନ ଏହା ଆନ୍ଧ୍ର-ଓଡିଶା



Scanned with OKEN Scanner

ସୀମା ନିର୍ଦ୍ଧାରଣ କରୁଅଛି । ଫଳତଃ  ଆଧୁନିକ ସଂସ୍କୃତି ସହ ଓଡ଼ିଆ-ତେଲୁଗୁ ସଂସ୍କୃତିର ସମ୍ମିଶ୍ରଣରେ ଏଜାତିର ଜୀବନ ଧାରା ବିଚିତ୍ର ବର୍ଣ୍ଣା ।

ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଅଗ୍ରଗଣ୍ୟ ବହୁ ଓଡ଼ିଆ ପଣ୍ଡିତ ଏହି ମଞ୍ଜୁଷା ମାଟିରେ ଜନ୍ମଲାଭ କରିଥିଲେ । ତନ୍ମଧ୍ୟରେ ସୁପ୍ରସିଦ୍ଧ ମୀମାଂସା ଅଧ୍ୟାପକ ଓ ସୁଲେଖକ ସୁଦର୍ଶନ ପାଠୀ ଅନ୍ୟତମ । ସଂପ୍ରତି ଉତ୍କଳ ସମ୍ମିଳନୀର ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ପାଣିଗ୍ରାହୀଙ୍କ ପୈତୃକ ବାସସ୍ଥାନ ହେଉଛି ମଞ୍ଜୁଷା । ଏହିପରି ଅନେକ ଜ୍ଞାନୀ ,ଗୁଣୀ , ବିଦ୍ୱାନ ପଣ୍ଡିତ , ବିଜ୍ଞ ଏହି ପବିତ୍ର ଭୂମିରେ ଲୋକମଣ୍ଡନ କରି ଧନ୍ୟ ମଣିଛନ୍ତି ।

ଗୋଟିଏ ପାର୍ଶ୍ୱରେ ପାଶ୍ଚାତ୍ୟ ସଭ୍ୟତାର ଅନୁପ୍ରବେଶ , ଶିଳ୍ପ ସଭ୍ୟତାର ବିକାଶ , ସହର ସଭ୍ୟତାର ଅଭିବୃଦ୍ଧି ତଥା ଆଧୁନିକ ଯୁଗର ପରିବର୍ତ୍ତନ ଏବଂ ଅନ୍ୟ ପାର୍ଶ୍ୱରେ ରାଜନୈତିକ ଅସ୍ଥିରତା , କୂଟଚକ୍ରାନ୍ତ ସଂଖ୍ୟାଲଘୁ ଓଡ଼ିଆଙ୍କ ଜୀବନ କ୍ଷେତ୍ରକୁ ବିଶେଷ ପ୍ରଭାବିତ କରିବା ସତ୍ତ୍ୱେ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅଦ୍ୟାବିଧ ବିଦ୍ୟମାନ ।

ସମ୍ପ୍ରତି ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘ ଏବଂ ଉତ୍କଳ ସମ୍ମିଳନୀର ମିଳିତ ସହଯୋଗରେ ଓଡ଼ିଆ ଭାଷା ଶିକ୍ଷାର ପ୍ରଚାର , ପ୍ରସାର ତଥା ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ ବଣ୍ଟନ ଓ ମେଧା ସମ୍ମାନ ଭଳି ପ୍ରୋତ୍ସାହଜନକ କାର୍ଯ୍ୟକ୍ରମ ଦ୍ୱାରା ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ବିଶେଷ ସହାୟକ ହେଉଅଛି ।

ଏତଦ୍‌ବ୍ୟତୀତ ଅନେକ ଓଡ଼ିଆ ଶିକ୍ଷକ / ଶିକ୍ଷୟତ୍ରୀ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ଛାତ୍ରଛାତ୍ରୀ ତଥା ବୃତ୍ତି ଶିକ୍ଷାନିମନ୍ତେ ଅଧ୍ୟୟନରତ ସମସ୍ତ ଶିକ୍ଷା ବନ୍ଧୁଙ୍କ ବିକାଶୋନ୍ମୁଖ ଦିଗରେ ବିଭିନ୍ନ ପାଠ୍ୟପୁସ୍ତକର ସହାୟକ ପୁସ୍ତିକା ପ୍ରସ୍ତୁତିକରି ଓଡ଼ିଆ ଭାଷା ଓ ଶିକ୍ଷାର ଉନ୍ନତି ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି । ଫଳରେ ଆନ୍ଧ୍ରପ୍ରଦେଶରେ ଓଡ଼ିଆତ୍ୱ ଓ ଓଡ଼ିଆ ସଂସ୍କୃତି, ପରମ୍ପରା ଅବ୍ୟାହତ ହୋଇ ରହିଛି । ଏହି ଉପଲକ୍ଷ୍ୟେ ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ତଥା ଓଡ଼ିଆଙ୍କ ଉନ୍ନତି ନିମନ୍ତେ ଚେଷ୍ଟିତ ଓଡ଼ିଆ ବନ୍ଧୁମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ସେମାନେ ଓଡ଼ିଆ ଜାତିର ଗର୍ବ ଓ ଗୌରବକୁ ବିଶ୍ୱଦରବାରରେ ପହଞ୍ଚାଇବାରେ ସମକକ୍ଷ ହୁଅନ୍ତୁ । ଏହି ଆଶା ନେଇ ରଖେ ।


**ରାମାରାଓ ମାଝୀ**

ଅଧ୍ୟାପକ , ସରକାରୀ କନିଷ୍ଠ ମହାବିଦ୍ୟାଳୟ

କାଞ୍ଚିଲି.




ପଲାସାରେ ଅନୁଷ୍ଠିତ  ମେଧା ସମ୍ମାନ-2014(30.11.2014) ଉତ୍ସବରେ ଭାଗନେଇଥିବା ମାନ୍ୟବର ବିଧାୟକ ଶ୍ରୀ G.S.S. ଶିବାଜି, ଶ୍ରୀମତୀ ଅରୁଣା କୁମାରୀ D.E.O, P.O. – ITDA ଏବଂ ଶ୍ରୀ ମହେଶ ଚନ୍ଦ୍ର ସାମନ୍ତ – ଓଡ଼ିଆ ବିଦ୍ୟାଳୟ ଉପ ପରିଦର୍ଶକ

Scanned with OKEN Scanner